# ବିରେଇ ବିଶାଳ

ମୁକୁନ୍ଦପୁର ମକ୍ରୁ ବିଶାଳ ଆଉ ତା' ଭାର୍ଯ୍ୟା ବୁଢ଼ୀ ସନ୍ନିପାତ ବେମାରିରେ ଆଗ ପଛ ମାସକ ଭିତରେ ଚାଲିଯିବାବେଳେ ଗୋଟିଏ ମାତ୍ର ପୁଅ ବିରେଇର ବୟସ ହୋଇଥିଲା ପାଞ୍ଚବର୍ଷ । ଲଙ୍ଗଳା ପିଲାଟା କିଛି ବୁଝେ ନାହିଁ । ବାପାମାଆଙ୍କୁ କୋକେଇରେ ଘେନିଯିବାବେଳେ ଦାଣ୍ଡରେ ଭୂଇଁରେ ଗଡ଼ି 'ବାପା ଲୋ' 'ମା ଲୋ' ବୋଲି ଡକା ପାରୁଥାଏ । ଘରେ କେହି ନାହିଁ, କିଏବା ପିଲାଟାକୁ ସମ୍ଭାଳି ନେଉଛି ? ଘରେ ବାରମାସିଆ ତିନିଜଣ ଥିଲେ ସତ; ହେଲେ, ସେମାନେ କ'ଣ ଜାଣନ୍ତି, କ'ଣ କରିବେ ? ତେବେ କ'ଣ ବିରେଇ ଅନାଥ ହୋଇଯିବ ? ନାହିଁ ନାହିଁ, ତିନି ପୁରୁଷର ଭିନ୍ନେ ହେଲା ଭାଇ, ଲେଖାରେ ବିରେଇର ଖୁଡ଼ୁତା ଜେଢ଼ୁତା ଆଉ ମଉସା ପିଉସାମାନେ ଶୁଣି ଧାଇଁଆସିଲେ । ସେମାନଙ୍କର ଦୟାର ଶରୀର, ବିରେଇର ବିକଳ କାନ୍ଦଣା ଶୁଣି ଧାଇଁଆସିଲେ, ସମସ୍ତେ ଏକାବେଳକେ ପିଲାକୁ ଝାଡ଼ିଝୁଡ଼ି ଦେଇ କାଖେଇ ନେବାଲାଗି ଟଣାଟଣି କଲେ । ଟଣାଓଟରାରେ ପିଲାକୁ ବାଧିଲାଣି, ଆହୁରି ଅଧିକ ବିକଳ ହୋଇ ଡକା ପକାଉଥାଏ । ସେକଥା ଶୁଣୁଛି ବା କିଏ ? ଦାଦି, ପିଉସା, ମଉସା ମଧ୍ୟରେ ବୋଲାବୋଲି ହୋଇଗଲା । ସମସ୍ତେ କହୁଛନ୍ତି, "ମୁଁ ଥାଉଁ ଥାଉଁ ପିଲାକୁ ପାଳିବାର ଆଉ କାହାର ଅଧିକାର ?" ଗୋଳମାଳ ଶୁଣି ଗାଁ ଲୋକେ ବି ରୁଣ୍ଡ ହୋଇଗଲେଣି । ଛୁଆଟା ସମସ୍ତଙ୍କର ମୁହଁକୁ ଚାହୁଁଛି – ସମସ୍ତେ ତ ଅଛନ୍ତି, ମା' ବାପା କାହାନ୍ତି ? ଏତିକିବେଳେ ପହଞ୍ଚିଗଲେ ପୀତେଇ ପାତ୍ରେ, ମାମୁ । ଧଇଁସଇଁ ହୋଇ ଧାଇଁଛନ୍ତି । ଦୂରରୁ ଡାକିଦେଲେ, "ଛାଡ଼, ଛାଡ଼, ଅଲଗା ହୋଇଯାଅ, ଛେଉଣ୍ଡକୁ ପାଳେ କିଏ ? ପାଳେ ତ ବାପର ମା' ଆଉ ପାଳେ ତ ମାଆର ମା' । ମାଆର ମା' ଆଈ ନାହିଁ ସତ, ମାଈଁତ ଅଛି ! ଯେଉଁ ପିଲାର କେହି ନାହିଁ, ତାକୁ ପାଳିବ ମାଈଁ । ତା' ମାଈଁ ତିନିଦିନ ହେଲା ଅନ୍ନଜଳ ଛୁଇଁ ନାହିଁ । ପିଲାଟା ଲାଗି ଡକା ପକାଇଛି । ଦୂତୀଅପା ଘଟିକିବାବେଳେ ବାର ବାର କହିଯାଇଛି, ବିରେଇକୁ ତା ମାଈଁ ପାଳିବ । ଗୋଟାଏ କାମରେ ଆଉ ଗୋଟାଏ ଗାଁକୁ ବାହାରି ଯାଇଥିଲି; ଏଣେ ଏତେ କଥା ହୋଇଗଲାଣି, ମୋତେ ଜଣା ନାହିଁ । ନୋହିଲେ ସମସ୍ତଙ୍କୁ ମୁକାବିଲା କରାଇ ଦେଇଥାନ୍ତି । ପଞ୍ଚୁଆତି ବସିଲା, ସମସ୍ତେ ରଫା କରିଦେଲେ! ପିଲାକୁ ପାଳିବା ମାମୁର ଅଧିକାର । ଲୋକଙ୍କ ମୁହଁରୁ କଥା ବାହାରିଛି କି ନାହିଁ, ମାମୁ ତ ଚିଲ ପରି ଝାମ୍ପମାରି ପିଲାକୁ କାଖେଇ ଘରକୁ ଧାଇଁଲେ । ବିରେଇ ମାମୁକୁ କେବେ ଦେଖି ନାହିଁ । ନୁଆ ମଣିଷଟା କାହିଁକି ଘେନିଯିବ ବୋଲି 'ମା' ଲୋ, ମା' ଲୋ' କରି ଆହୁରି ଡକା ପାରୁଥାଏ । ମାମୁ ବିରେଇକୁ ଘେନିଯାଇ ମାଈଁ ଗୁରୁବାରୀ ଜିମା କରିଦେଲେ । ତୁନି ତୁନି ଢେର୍‌ଗୁଡ଼ାଏ କି କଥା କହିଲେ । ମାଈଁ ମୁରୁକି ମୁରୁକି ହସି ହସି କହିଲେ, "ଆରେ ବିରେଇ ଆ, ଚଣ୍ଡୀ ସଙ୍ଗରେ ଖେଳିବୁ ।" ଖଣ୍ଡିଏ ପୋଡ଼ପିଠା, ଚିମୁଟାଏ ଭଳି ଚିଟା ଗୁଡ଼ ହାତକୁ ବଢ଼ାଇ ଦେଲେ । ବିରେଇ ଢେର୍ ବେଳୁ ଖାଇ ନ ଥିଲା, ବଡ଼ ଭୋକିଲା ଥିଲା, ତେତିକି ଖାଇଦେଇ ଗୁଡ଼ାଏ ପାଣି ପିଇଦେଲା ।

ମାମୁ ପୀତେଇ ପାତ୍ରଙ୍କ ଘର ମାକଲପୁର । ମୁକୁନ୍ଦପୁରଠାକୁ ଅଧକୋଶେ ଖଣ୍ଡେ ଛଡ଼ା । ଛେଉଣ୍ଡ ପିଲାଟା ଜାଣି ମାମୁ ଘରେ ପରମ ସୁଖରେ ରହିଲା, ତା ମାଲ ହେପାଜତ କରୁଛି କିଏ ? ପୀତେଇ ପାତ୍ରେ ଘରକରଣା ଲୋକ । ତାଙ୍କ ନିଜ ବିଷୟ ତାଙ୍କୁ ଅସମ୍ଭାଳ । ଅଧକୋଶ ଦୂରକୁ ଆସି ପିଲାର ମାଲମତା, ଘରକରଣା ଦେଖିଯିବାକୁ ବେଳ କାହିଁ ? ପାତ୍ରେ ନିହାତି ବ୍ୟାକୁଳ ହୋଇ ଗାଁ ଲୋକଙ୍କ ପାଖରେ ସବୁବେଳେ କହିବୁଲୁଛନ୍ତି, "ଏହି ଦିନ କେତେଟା ଭିତରେ ପିଲାଟିର ମାଲ ଗାଁ ଲୋକେ ଚୋରାଇ ଘେନିଗଲେଣି । ସବୁ ମାଲଗୁଡ଼ାକ ଆପଣା ଘରକୁ ଘେନିଯାଇ ନଜରରେ ନ ରଖିଲେ ସବୁ ବରବାଦ ହୋଇଯିବ ।" ସମ୍ପତ୍ତି ମଧ୍ୟରେ କେତେ ପୌଟି ଧାନ, ହଡ଼ାହଡ଼ି ଦି' ପୁଞ୍ଜା! ଏ ସବୁ ନଜରରେ ରଖିବାର କଥା । ବୋଇଲା, "ଜୋରୁ, ଗୋରୁ, ଧାନ – ଏ ତିନି ନଜର ଗୁଜରାଣ ।"

ପାତ୍ରଙ୍କୁ ଦିନବେଳେ ଡର ନାହିଁ । ଅଧରାତିରେ ଗାଁ ଲୋକେ ଖାଇ ଶୋଇଲା ବାଦେ ପାତ୍ରଙ୍କୁ ବେଳ ମିଳେ । ନିଜର ଥୋରି ବଳଦରେ ଲଦି ପିଲାର ମାଲଗୁଡ଼ାକ ଆପଣା ଘରକୁ ଘେନିଆସନ୍ତି । ଗାଁ ଦିଗବାର କହିବୁଲେ, "ପାତ୍ରେ ଦଶଗୋଟା ବଳଦରେ କୋଡ଼ିଏ ଦିନ ପର୍ଯ୍ୟନ୍ତ ଧାନଚାଉଳ, ଲୁଗାପଟା, କଂସାବାସନ ଚିଜବସ୍ତୁ ସବୁ ବୋହିଥିଲେ ।" ଗାଁ ଲୋକେ ସେକଥାକୁ ସତ ମଣିଲେ । ବିଶାଳର ଘର ପରି ଘରଟାଏ ଥିଲା । ତାହାର ଚାରିଟା ମରେଇରେ ଚାଳିଶ ପଚାଶ ଭରଣ ଧାନ ମହଜୁଦ ଥିଲା, ଏ କଥାଟା ସମସ୍ତଙ୍କୁ ଜଣା । ଏ ବାଦ ମକୁ ବିଶାଳ ଖାତକମାନଙ୍କୁ କୋଡ଼ିଏ ପଚାଶ ଭରଣ ସରିକି ଧାନ ଦେଇଥିଲେ । ପାତ୍ରେ ମୂଳ କଳନ୍ତର ଅସୁଲ କରିନେଲେ, ବିଶ୍ୱାଏ ଧାନ କାହାରିକୁ ଛାଡ଼ି ଦେଇ ନାହାନ୍ତି । ସେ କହନ୍ତି ଛେଉଣ୍ଡ ମାଲ କିମିତି ଛାଡ଼ିବେ ? ନିଜର ହେଲେ ଦଶଗୌଣୀ ଛାଡ଼ି ଦିଅନ୍ତେ !"

ଆଉ ପାତ୍ରେ ଗାଁ ଲୋକମାନଙ୍କ ଆଗରେ ସବୁବେଳେ କହି ବୁଲନ୍ତି, "ବିଶାଳଟା ବଡ଼ ସାହାଖର୍ଚ୍ଚ ଲୋକ ଥିଲା । ସବୁ ଖାଇପିଇ ଉଡ଼ାଉ ଦେଇଯାଇଛି, ଛେଉଣ୍ଡଟି ଲାଗି କିଛି ରଖି ଯାଇ ନାହିଁ । ଘରକରଣା ଭିତରେ ଯାହା ଥିଲା ପଲାଣପାଣ୍ଠି ଦି' ଖଣ୍ଡ, ମୁଁ ତାକୁ ସଙ୍ଗରେ ଉଠାଇ ରଖିଛି । ପିଲାଟା ପାରିଲେ ତା ଜିମା କରିଦେବି । ମୁଁ କ' ଣ ସେ ପଲାଣରେ ବାହିବି ? ରାମ ରାମ ।' ମାଈଁ ପାଞ୍ଚ ମାଇକିନିଆଙ୍କ ଆଗରେ କହି ବୁଲନ୍ତି, "ମୋ ବିରେଇ ଆଗ ତ ଚଣ୍ଡୀ ପଛ । ତା ବାପର କିଛି ନଥିଲା ନାହିଁ, ମୋର କ 'ଣ ଊଣା ଅଛି ? ବସି ବସି କୋଡ଼ିଏ ବରଷ ଖାଉ ।"

ଦିନ ପାଣି ସୁଅ ପରି ବହିଯାଉଛି । ଦେଖୁ ଦେଖୁ ଚାରିବର୍ଷ ଚାଲିଗଲାଣି । ଆସନ୍ତା ତୁଳା ଛ' ଦିନରେ ବିରେଇର ଜନ୍ମଦିନ; ଆଠବର୍ଷ ପୂରିଯାଇ ନ ବର୍ଷ ପଶିବ । ବିରେଇ ଆଉ ମାମୁପୁଅ ଚଣ୍ଡିଆ ଅବଧାନଙ୍କ ଚାଟଶାଳୀରେ ବସିଛନ୍ତି । ବିରେଇଟି ଧୀର, ପଢ଼ାରେ ବି ଖୁବ୍ ମନ । ଖଡ଼ିପାଠ, ମିଶାଣ, ଫେଡ଼ାଣ, ହରିଗୁଣ ଛିଡ଼ାଇ ରାସପୋଥି ଧରିଛି । ଚଣ୍ଡିଆର ତେରବର୍ଷ ପୂରିଗଲାଣି । ହେଲେ କଣ, ଆଜିଯାଏ ଖଡ଼ିପାଠ ଓଡ଼ାଙ୍କ ବି ଛିଡ଼ିଲା ନାହିଁ । ମାଈଁର ଗୋଟିଏ ବୋଲି ଆଖି, ବଡ଼ ଗେହ୍ଲା କରନ୍ତି । ମା' ମୁହଁ ପାଇ ବଡ଼ ଉପ୍ତାତିଆ ହୋଇଗଲାଣି, ଘରୁ ବାହାରିଲା ତ ପାଞ୍ଚ ଘରୁ ବୋଲଣା ଆଣିବ - ଚାଲିଲା ଶଗଡ଼ରେ ହାତ ଦିଏ । ତା ନାମରେ କେହି କିଛି ଆସି ଗୁହାରି କଲେ ମା' ପୁଅକୁ ଦାବିବା ଥାଉ, ଓଲଟା ଗାଁ ଲୋକଙ୍କ ସଙ୍ଗରେ କଳି କରିବେ । ମାଆଙ୍କର ବିଶ୍ୱାସ, ଚଣ୍ଡିଆଟି ଦେଖିବାକୁ ବଡ଼ ସୁନ୍ଦର ବୋଲି ଗାଁ ମାଇକିନିଆଏ ହିଂସାରେ ସହିପାରନ୍ତି ନାହିଁ । ଚଣ୍ଡୀ ଚାଟଶାଳୀରେ ବି ବଡ଼ ଗୋଳମାଳ କରେ । ଆପେ ତ ପଢ଼େ ନାହିଁ ପିଲାମାନଙ୍କ ସଙ୍ଗରେ ତୁଚ୍ଛାଟାରେ ହେଲେ କଳି ଲଗାଏ; ମାର-ଧର କରେ । ଦିନେ ଅବଧାନେ ସହି ନ ପାରି ବେତରେ ଖୁବ୍ ପ୍ରସ୍ତେ ବାଡ଼େଇଗଲେ, ପିଠିରେ ଲମ୍ବ ଲମ୍ବ ନୋଳା ବସିଗଲା । ମା' ତ ଦେଖି ଖୁବ୍ ଡକାପାରି କାନ୍ଦିଲେ । ଅବଧାନଙ୍କ ଚୌଦପୁରୁଷର ଶ୍ରାଦ୍ଧ କଲେ । କହିଲେ, "ମୋର କ' ଣ ନାହିଁ ଯେ ପୁଅ ପାଠଟାଏ ପଢ଼ିବ ? ଆରେ, ମୋର ଯେ ବିଷୟ ଅଛି; ତିନିପୁରୁଷ ବସି ଖାଉ ।" ଚଣ୍ଡୀର ପଢ଼ା ବନ୍ଦ । ସେ ତ ତା' ହିଁ ଖୋଜୁଥିଲା । ଚଣ୍ଡୀ ଗାଁର ବାଉରି, ଧୋବା ଟୋକାମାନଙ୍କ ସଙ୍ଗରେ ଦିନରାତି ବୁଲେ । ବାପେ କିଛି କାମପାଇଟିରେ ଲଗାଇଲେ, ମା' ବାଘୁଣୀ ପରି ଗର୍ଜନ କରି କହନ୍ତି, "ମୋର ଦୁଧଖିଆ ଛୁଆଟା କାମପାଇଟି କରିବ କ' ଣ ? ନଅଟା ନା ଛଅଟା, ଗୋଟାଏ ବୋଲି ଆଖି ସେ କ' ଣ ଭିଡ଼ କାମ କରିପାରିବ ? ବୁଲୁଥାଉ ।" ବିରେଇର ବି ପଢ଼ା ବନ୍ଦ । ମାଈଁ ଖପାଟାଏ ହୋଇ କହିଲେ, "ଏ ଅବଧାନଟା କିଛି ନୁହେଁ । କଣ ବା ପଢ଼ାଏ । ମାସ ନ ପୂରୁଣୁ ଦୁଇଅଣା ପଇସା ଗଣ । ଫେର୍ କଣ ନା, ଆଜି ପଣିକିଆ ଲେଖିବ, ପୂଜା ଲୋଡ଼ା - ସେରେ ଚାଉଳ, ଗୁଆଟାଏ । ଦିନ ପନ୍ଦରଟା ଯାଇ ନାହିଁ ତ ଓଡ଼ାଙ୍କ ଲେଖିବ, ଫେର୍ ପୂଜା ! ନା ନା, ତା ହେବ ନାହିଁ ।" ଦୁଇ ଚାରି ଦିନ ବାଦେ ମାଈଁ ଦିନେ ମାମୁଙ୍କୁ ଡାକି କହିଲେ, "ଦେଖ ତ ଭେଣ୍ଡିଆଟା ଦିନକୁ ତିନିବେଳା ଠୁଙ୍କିବ, ତୁଚ୍ଛାଟାରେ ଗାଁରେ ବୁଲିବ କ୍ୟାଁ ? ଗାଈରଖା ଟୋକାଟାକୁ ବାହାର କରିଦିଅ, ବିରିଆ ଗାଈ ଜଗୁ ।" ମାମୁ ଟିକିଏ ମୋଡ଼ ମୋଡ଼ ହେଉଥିଲେ, ଡରରେ ପାଟି ଫିଟାଇପାରିଲେ ନାହିଁ । ବିରେଇକୁ ଡାକି କଅଁଳେଇ କଅଁଳେଇ କହିଲେ, "ଆରେ ବାପ ବିରେଇ. ଏହି ଯେ ଗୋରୁପଲ ଦେଖୁଛୁ, ଏଗୁଡ଼ାକ ସବୁ ତୋର । ପର ଲୋକେ ଭଲ ଚରାଉ ନାହାନ୍ତି । ଗାଈ ବଳଦଗୁଡ଼ାକ ହଡ଼ା ହୋଇଗଲେଣି । ପରଲୋକର କଣ ମାୟା ଥାଏ ? ତୁ ଯା, ଥଣ୍ଡାଥଣ୍ଡା ଗଛ

ମୂଳରେ ବସି ଗୋରୁ ଦି' ଟା ଦେଖିବୁ । କିଛି ମେହନତ ନାହିଁ, ଖାଲି ଅଡ଼େଇ ଘେନିଯିବୁ, ସଞ୍ଜବେଳେ ଆଣି ଗୁହାଳରେ ପୂରାଇଦେବୁ ।" ବିରେଇ ପାଞ୍ଚଣ ଖଣ୍ଡେ ଧରି ଗୋରୁ ଚରା ବାହାରିଲା । ଗାଁ ଲୋକେ କିଛି କହିଲେ, ମାମୁ ଜବାବ ଦିଅନ୍ତି, "ଆଚ୍ଛା; ଛେଉଣ୍ଡର ଲାଞ୍ଜ ଦି' ଖଣ୍ଡ ପର ହାତରେ ପଡ଼ି ବୁଡ଼ିବାକୁ ବସିଲା । ତା ନିଜ ମାଲ ନିଜେ ଦେଖୁ ।" ସତକୁସତ ଗୋରୁପଲଟା ଏକା ବିରେଇର । ତାହା ବାପ ମରିବା ବେଳେ ମାଇ-ଅଣ୍ଡିରା ଛଡ଼ା-ଦାମୁଡ଼ି ଦୁଇ ବୋଡ଼ି ଭଳି ଗୋରୁ ମାମୁ ଗାଁ ମଝି ଗୋହିରିରେ ଅଡ଼ାଇ ଆଣୁଥିବା ଗାଁଲୋକେ ସମସ୍ତେ ଦେଖିଛନ୍ତି ।

ଆହୁରି ବି ଆଠ ନ' ବର୍ଷ ଗଲାଣି, ବିରେଇର ଉଛୁଣିକା ଅଠର ବର୍ଷ ବୟସ । ପିଲାଟା ନା ଆଉ କ' ଣ ? ହେଲେ, କାମ ପାଇଟିକି ବଡ଼ ପାରିଲା । ମାମୁର ବାଟି ସଂଖ୍ୟା ଚାଷ, ଯୋଡ଼ାଏ ବାରମାସିଆଙ୍କୁ ଧରି ସବୁ ସମ୍ଭାଳିଛି । ଏବେ ମାମୁ ଚାଷକାର୍ଯ୍ୟଟା ତୁଚ୍ଛା ଉପରେ ଉପରେ ଦେଖନ୍ତି । ବିରେଇ ଦେଖିବାକୁ ଯେମନ୍ତ ଡୌଲ, କଥାଗୁଡ଼ାକ ବି ଖୁବ୍ ମଧୁର । ଦେହରେ ବାଘପରି ବଳ । ଦିନେ ପାଣ୍ଡେଇ ପାତ୍ର ସାନଝିଅ କମଳୀକୁ ଗୋଟାଏ ମାରଣା ବଳଦ ବିନ୍ଧିବାକୁ ଗୋଡ଼ାଇଥିଲା - ବିରେଇ ବଳଦର ଲାଞ୍ଜ ଧରି ଭିଡ଼ି ରଖିଲା । ଗାଁର ପୁରୁଷ ସ୍ତ୍ରୀ ସମସ୍ତେ ବିରେଇକୁ ଭଲ ପାଆନ୍ତି, ଖୁବ୍ ପ୍ରଶଂସା କରନ୍ତି । ହେଲେ, ସେ ପ୍ରଶଂସାଟା ମାଇଁ ଶୁଣିଲେ ଖପାଟାଏ ହୋଇଯାନ୍ତି, ଲୋକଙ୍କ ସଙ୍ଗରେ କଳି କରନ୍ତି । ଚଣ୍ଡୀର ପ୍ରଶଂସା କଲେ ମାଇଁ ମନ ବଡ଼ ଖୁସି ।

ଚଣ୍ଡୀ ସଞ୍ଜ ସକାଳେ ଘରେ ପଶେ ନାହିଁ । ପାଞ୍ଚ ସାତଟା ବୁଲାଟୋକା ସାଙ୍ଗରେ ଦିନରାତି ବୁଲୁଥାଏ । ସେମାନଙ୍କ କାମ ଗଛଚଢ଼ା, ବାଗୁଡ଼ିଖେଳ, ଚୌପଟଖେଳ, ଗଞ୍ଜେଇ ଖିଆ । ହାଲକୁ ଗୋଟାଏ ମଦତ ଖଟି ଜାରି କଲାଣି । ଅଳି କରି କାନ୍ଦି, ଡରେଇ ହରେଇ ମା' ପାଖରୁ ଟଙ୍କାପଇସା ନିଏ, ଆପଣା ଗୋଠରୁ କୋଡ଼ିଏ ପଚିଶ ଟଙ୍କାର ଦାମୁଡ଼ିଗୁଡ଼ାକ ଗୁଆଲାଙ୍କୁ ଦୁଇ-ଚାରି ଟଙ୍କାରେ ବିକିଦିଏ । ଚାକିରିଆମାନଙ୍କ ସଲାରେ ଆପଣା ଘର ମରେଇରୁ ଧାନ ଚୋରି କରି ବିକିଦିଏ । ମା' ଜାଣିପାରି ବି ପୁଅ ଦୋଷ ଲୁଚାଏ । ମା' ଡରରେ ବାପ କିଛି କହିପାରେ ନାହିଁ । ମା' ଆଗେ ଲୁଚାଚୋରା କରି ଚଣ୍ଡୀକୁ କିଛି କିଛି ଟଙ୍କାପଇସା ଦେଉଥିଲେ । ଏବେ ହାତ ଖାଲି । ଚଣ୍ଡୀ ଟଙ୍କାପଇସା ନ ପାଇ ମା' କୁ କେତେ ଥର ମାଡ଼ ଦେଲାଣି । ହେଲେ, ମା' ମାଡ଼ ଖାଇ ତୁନି ହୋଇ ରହେ, ବାପା ଆଗରେ କିଛି କହେ ନାହିଁ ।

ଗାଁ ଲୋକ ପାଞ୍ଚଜଣ ବିରେଇକୁ କହିଲେ, ଆରେ ବିରେଇ ! ତୁ କଣ ମାମୁଘରେ ସବୁଦିନେ ପେଟ ଭାତରେ ରହିଥିବୁ, ଆପଣାର ସଂସାର କରିବୁ ନାହିଁ ? ବାପ ଦାଦିଙ୍କ ନାମ ବୁଡ଼ାଇବୁ ? କଥାଗୁଡ଼ାକ ବିରେଇ ମନକୁ ପାଇଲା । ସେ ଏବେ ସବୁ କଥା ବୁଝିଲାଣି । ମାମୁମାଇଁ କାମର ପିଆରା । ଖିଆପିଆ ସବୁକଥାରେ ପୁଅ ଉପରେ ମାମୁମାଇଁଙ୍କର ଯେ ଶ୍ରଦ୍ଧା, ତା ଉପରେ ତାର କଣିକାଏ ବି ନାହିଁ । ଦେଢ଼ହଜାର ଟଙ୍କା ଖରଚ କରି ପୁଅକୁ ବିଭା କଲେ, ତା ବିଭାର ନାମଚର୍ଚ୍ଚା ନାହିଁ । ଦିନରାତି ହାଡ଼ ଭାଙ୍ଗି ଯାହା ଅର୍ଜି ଆଣୁଛି, ଚଣ୍ଡୀ ଗଞ୍ଜେଇମଦ ଖାଇ ସବୁ ଉଡ଼ାଇ ଦେଉଛି । ମାମୁମାଇଁ କିଛି ବୋଲିବାକୁ ନାହିଁ । ନିଶ୍ଚେ ସେ ଘରକରଣା ଉଜାଡ଼ି ଦେବ ।

ଦିନେ ସଞ୍ଜବେଳେ ମାମୁ ମାଇଁ ପିଣ୍ଡାରେ ବସିଛନ୍ତି; ବିରେଇ କାମଧନ୍ଦା ସାରି ଯାଇ ପାଖରେ ବସିଲା । ମାମୁମାଇଁ ଦିନବେଳର କାମପାଇଟି କଥା ପଚାରିଲେ । କାମପାଇଟି କଥା ଛଡ଼ା ମାମୁମାଇଁ ସାଙ୍ଗରେ ବିରେଇ ଆଉ କିଛି କଥାଭାଷା ହୁଏ ନାହିଁ ! ବିରେଇ ଜବାବ ଦେଇ ପାଖରେ ବସିଥାଏ । ମାମୁ ପଚାରିଲେ "କିରେ ବିରେଇ ! ଆଉ କିଛି କଥା ଅଛି ?" ବିରେଇ ଦଣ୍ଡେ ଗୁମ୍ମାରି ବସି ଦୁଇଟା ହାଇ ମାରି କହିଲା, "ମାମୁ ମୁଁ ଏବେ ଆପଣା ଘରକୁ ଯିବି ।" ମାମୁମାଇଁ ତ ଶୁଣି ଚମକି ପଡ଼ିଲେ, ତାଙ୍କ ମୁଣ୍ଡରେ ଯେମନ୍ତ ବଜ୍ରଟାଏ ଭାଙ୍ଗିପଡ଼ିଲା । ମାମୁମାଇଁ ଦୁଇଜଣଙ୍କର ଦୁଇ ବର୍ଷ ହେଲା ଶ୍ୱାସ ବେମାରି । ସଞ୍ଜବେଳେ ଚାରିଅଣାର ଟେଳାଏ ଟେଳାଏ ଆପୁ ଗିଳି ପକାଇଲେ ଟିକିଏ ଚାଲବୁଲ ହୋଇପାରନ୍ତି । ମାମୁ ତ ପିଣ୍ଡାରୁ ଓହ୍ଲାଇବାକୁ ନାହିଁ, ଚଣ୍ଡିଆର ତ ଏହି ଦଶା, ବିରେଇ ବାହାରିଗଲେ ଆଉ କଣ ଘରକରଣା ରହିବ ? ମାମୁ ଦୁଇ ଚାରିଟା ନିଶ୍ୱାସ

ପକାଇ କଅଁଳେଇ କଅଁଳେଇ କହିଲେ, ହଁ ରେ ବାପ, ଘରକୁ ଯିବୁ ନାହିଁ କ' ଣ ? ରହ, ମୁଁ କନ୍ୟାଟିଏ ଖୋଜାଖୋଜି କରୁଛି; ବାହାଘର କରେଇଦେବି, ଦି' ପ୍ରସ୍ତ ଘର ବନେଇ ଦେବି । ତୁ ଉଛୁଣିକା ପିଲାଟା, ଅଲଗା ଏକୁଟିଆ ହୋଇ କ' ଣ ରହିପାରିବୁ ? ଏ ଗାଁ ଲୋକଙ୍କ କଥା ବୁଝି ନାହୁଁ ? ମୁଁ ବୁଝି ବୁଝି ବୁଢ଼ା; ସବୁ ତୋ ପାଖରୁ ଛଡ଼େଇ ନେବେ, ଭକୁଆ ହୋଇ ବସିଥିବୁ । ହେଉ ହେଉ ଆଉ ଯୋଡ଼ାଏ ବର୍ଷ ରହିଯାଅ । କଣ କହୁଛୁରେ ବାପ ?" ବିରେଇ କହିଲା, "ନା, ମୁଁ ଘରକୁ ଯିବି ।" ମାଇଁ ଟିକିଏ ବଡ଼ ରାଗୀ । ଚଣ୍ଡୀ ହଜାର ଦୋଷ କରୁ, କିଛି କହିବେ ନାହିଁ, ଆଉ କେହି ତାଙ୍କ କଥା ଟିକିଏ ଅମାନ୍ୟ କଲେ ଘଡ଼ିଏ ଯାଏ ଗର୍ଜୁଥିବେ । ଟିକିଏ ରାଗିଯାଇ କହିଲେ, "କିରେ ବିରେଇ ! ମାମୁ ସେ ମୁରବି; ତାଙ୍କ କଥା ଅମାନ୍ୟ କରୁଛୁ ? ଗାଁଲୋକଙ୍କ ବୁଦ୍ଧିରେ ପଡ଼ିଲୁଣି କିରେ ? ଆରେ, କହିବାକୁ ଢେର୍; ବହିବାକୁ କିଏରେ ? ଯୋଗିନୀଖିଆ ଘରଭଙ୍ଗା ଲୋକଙ୍କ ବୁଦ୍ଧିରେ ପଡ଼ନା । ପାଞ୍ଚବର୍ଷର ଛେଉଣ୍ଡ ଲଙ୍ଗଳା ହୋଇ ଦାଣ୍ଡରେ ପଡ଼ିଥିଲୁ । ଏଇ ମାମୁ ଥିଲେ ବୋଲି ଅଣ୍ଡାଟି ଭେଣ୍ଡିଆ ହୋଇ ଆଜି କଥା କହୁଛୁ । ଏହି ଯୋଗିନୀଖିଆ ସମସ୍ତେ ତ ଥିଲେ, ତୋ ତୁଣ୍ଡରେ ପେଜ ମନ୍ଦାଏ କେହି ଦେଲେ ନାହିଁ ? ନଣନ୍ଦେ ମରିବାବେଳେ ମୋ ହାତ ଧରି ବାରବାର କହି ଯାଇଛନ୍ତି, 'ଖବରଦାର ! ମୋ ବିରେଇକୁ କାହିଁ ଛାଡ଼ିଦେବ ନାହିଁ, ବରାବର ଘରେ ରଖିବ । ଅଳପାଇଷିଆ ଗାଁ ଲୋକେ ତାକୁ ଫୁସୁଲେଇଲେ ଶୁଣିବାକୁ ଦେବ ନାହିଁ । ତୁ ମୋ କଥା, ବାପା ବଦଳରେ ମାମୁ କଥା ଯଦି ନ ଶୁଣିବୁ, ଆପେ ଉଡ଼ି ପୋଡ଼ିଯିବୁ, କାହାର କ' ଣ ଯିବ ?" ମାମୁ କହିଲେ, "ଥାଉ, ଥାଉ ସେସବୁ କଥା ପଛେ ହେବ, କଥା କଣ ପଳାଉଛି ? ଦିଅ ଦିଅ; ବୋହୂକୁ ଡାକିଦିଅ ଛୁଆଟା କାମ ପାଇଟି କରି ଥକିଛି, ଆଗେ ତାକୁ ଭାତ ଦିଅ, ଚଣ୍ଡିଆ ନ ଆସିଲା ନାହିଁ ।" ବିରେଇ ମନ ମଧ୍ୟରେ ବଡ଼ ହସିଲା, 'ଓହୋ ! ଆଜି ଯେ ମାମୁଙ୍କର ବଡ଼ ଦୟା !' ରୋଜ ତ ଚଣ୍ଡୀ ନ ଆସିଲେ ଖିଆପିଆ ହୁଏ ନାହିଁ, ଚଣ୍ଡୀ ଗାଁ ବୁଲି ବାହୁଡ଼ିବାକୁ ରାତି ଛ' ଘଡ଼ି । ମାମୁ ମାଇଁଙ୍କର ଶ୍ୱାସରୋଗ, ତାହା ଉପରେ ଆପୁର ନିଶା, ରାତିସାରା ନିଦ ହୁଏ ନାହିଁ, ଖୁଁ ଖୁଁ ହୋଇ କାଶୁଥାନ୍ତି । ପାହାନ୍ତିଆ ପହର ଥଣ୍ଡା ପବନ ବହିଲେ ନିଦ ମାଡ଼େ, ଚିନ୍ତା ଭାବନାରେ ଆଜି ସେ ନିଦ ବି ନାହିଁ ।

ତହିଁ ଆରଦିନ ସଖାଳେ ବିରେଇ ଆଣ୍ଠୁଯୋଡ଼ିକ କୁଣ୍ଢେଇ ପିଣ୍ଡାରେ ତୁନି ହୋଇ ବସିଛି । ଖରା ପିଢ଼ା ଉପରକୁ ମଝି ବାହାରେ ପଡ଼ିଲାଣି, ମାମୁ ଉଠିଆସି ବିରେଇକୁ ଦେଖି କହିଲେ, "କିରେ ବାପ ! ତୁନି ହୋଇ ବସିଛୁ ? ଯା ଯା, ବେଙ୍ଗଳା ଖେଳାଇ ଦେ ଯା । ଭଙ୍ଗା ପୁଞ୍ଜିଟା ରଣବଣ ହୋଇ ପଡ଼ିଛି ।" ବିରେଇର ଏକ ପଦେ କଥା, 'ନା, ମୁଁ ଘରକୁ ଯିବି ।' ମାମୁ ଆଜି ବି ଢେର୍ ବୁଝାଇଲେ । ଟେକାଟେକି କରି କଥା କହିଲେ । ବିରେଇର ସେହି ଉତ୍ତର, 'ଘରକୁ ଯିବି ।' ମାଇଁ ବିଛଣାରୁ ଉଠିଆସି ଆଖି ମଳି ମଳି ସବୁକଥା ଶୁଣୁଥିଲେ । ଏକାବେଳକେ ଖପାଟା ହୋଇ କହିଲେ, "ଯିବୁ ତ ଚାଲିଯା । ଯିବି ଯିବି - ଭଜନମାଳା ଧରିଛୁ ଯେ ।" ବିରେଇ କହିଲା, "ମୋ ବାପାର ଯାହା ସବୁ ଚିଜବସ୍ତୁ ଆଣିଥିଲ, ଫେରାଇ ଦିଅ ।" ମାଇଁ ସେହିପରି ତେଜରେ କହିଲେ, 'ଚିଜବସ୍ତୁ କଣ ରେ ? ପାଣ୍ଡିପଲାଣ ଦି' ଖଣ୍ଡ ଆଣିଥିଲେ; ଯା, ଯା, ଉଇ ଖାଇଯାଇ ପଡ଼ିଛି, ମୁଣ୍ଡାଇ ଘେନି ଯା । ବରଷେ ନୁହେଁ, ଦି' ବରଷ ନୁହେଁ, କୋଡ଼ିଏ ବର୍ଷ କାଳ ଖୁଆଇପିଆଇ ଭେଣ୍ଡିଆଟିଏ କରିଦେଲୁଁ । ଏଣିକି ମୁଣ୍ଡକୁ ହାତ ପାଇଲା କିନା ? ମୁଁ ତାଙ୍କୁ ବାରବାର ତେତିକିବେଳେ କହିଥିଲି - "ପରପୁଅ ଗୁଞ୍ଜାରୁଅ, ସେ ବଳେଇରେ ପଶନା । ଶୁଣିଲେ ନାହିଁ, ଏବେ ଭୋଗ ।" ବିରେଇ ତୁନି ହୋଇ ଏକାକାନିଆ ପାଞ୍ଚଣ ଖଣ୍ଡ ଧରି ଉଠିଗଲା ।

ମକୁ ବିଶାଳର ସରବରି ପନ୍ଦର ମାଣ ଚାଷ ଜମି ଥିଲା । ଜମିଟା ବଡ଼ ଭଲ ମଟାଳିଆ, ଏକଚକିଆ, କଳିନ୍ଦ । ପୀତେଇ ପାତ୍ରେ ସେ ଜମିଟା ଆପଣା ନାମରେ କରିନେବା ଲାଗି ଢେର୍ ଫନ୍ଦିଫିକର କରିଥିଲେ । ଜମିଦାର ଶ୍ୟାମ ସ୍ୱାଇଁଙ୍କୁ ଲାଞ୍ଚ ରିସପତ୍ ଯାଚିଥିଲେ, ମାତ୍ର ସ୍ୱାଇଁଏ ବଡ଼ ବିବେକୀ ଲୋକ, ପୁଣି ଗାଁର ପାଞ୍ଚଜଣଙ୍କ ଡରରେ ସେହି ମକୁ ବିଶାଳ ନାମରେ ରଖି ଦେଇଛନ୍ତି । ବିରେଇ ଗାଁରେ ମୂଳ ଲାଗେ । ଚାଷ ସଜ ନାହିଁ, ଜମିଗୁଡ଼ିକ ବଖରା ଲଗାଇଦେଲା ।

ବିରେଇଟି ବଡ଼ କାମିକା, ପର ନ-ଛ' ରେ ନ ଥାଏ, ଆପଣା ଦୁଃଖଧନ୍ଦାରେ ଲାଗିଥାଏ । ସଞ୍ଜବେଳେ ପାଇଟିରୁ ଆସି ମୁଡ଼ିମୁଡ଼ା ପୁଞ୍ଜାଏ ପାଟିରେ ପକାଏ । କୋଡ଼ିଟାଏ କାନ୍ଧରେ ପକାଇ ବାହାରିପଡ଼େ । ଆପଣା ଡିହରେ ବର୍ତ୍ତମାନ ରହିବା ଭଳି ଗୋଟିଏ ସାନ ଘର ବନାଇଲା । କାନ୍ଥ ଯିମିତି ଛିଡ଼ା କରିଛି, ମଉସା ପିଉସା ଗାଁର ଆଉ ପାଞ୍ଚଜଣ ଡକରା ନାହିଁ, ହକରା ନାହିଁ, ବିରେଇ କାହାରିକୁ କିଛି କହିନାହିଁ, ଧାଇଁଆସିଲେ, ଆପଣା ଆପଣା ଘରୁ କାଠ କୁଟା ବାଉଁଶ ଆଣି ଘରଟାଏ ଛିଡ଼ା କରାଇଦେଲେ । ବିରେଇ ଅଉଲ ବିଲ ଭାରି କଳିନ୍ଦ । ଧାନ ପାଚିବାରୁ ତିରିଶ ଭରଣ ସରିକି ଭାଗ ପାଇଲା । ବର୍ଷକ ଖାଇବା ଭଳି କିଛି ରଖି ସବୁ ଧାନଗୁଡ଼ିକ ବିକି ପକାଇଲା । ସେହି ଟଙ୍କାରେ ହଳିଆ ବଳଦ; ଚାଷ ସରଞ୍ଜାମ କିଣି ଆପଣା ଚାଷରେ ଲାଗିଗଲା । ବର୍ଷ ଚାରିଟା ଭିତରେ ବିରେଇ ବାପ ଅମଳିକା ଘର ଛିଡ଼ା କରିଦେଲାଣି । ସେହିପରି ତିନି ପ୍ରସ୍ତ ଘର, ମାଈଅଣ୍ଡିରା ଦେଢ଼ ବୋଡ଼ି ଗୋରୁ, ପୂରା ଧାନ ପାଞ୍ଚ ଛ' ଟା ମରେଇ ଛିଡ଼ା ।

ବନ୍ଧୁବାନ୍ଧବ ହାମଦରଦୀ ପାଞ୍ଚଜଣ କେତେଥର କହିଲେଣି, "ଆରେ ବିରେଇ ! ତୁ କି ସବୁଦିନେ ଡାଙ୍ଗୁଆ ମାଙ୍ଗୁଆ ହୋଇ ରହିଥିବୁ ? ଏଣିକି ପିତୃଲୋକ ପାଣି ମୁଠାଏ ପାଇବାର ବାଟ କର ।" ବିରେଇ ବି ବୁଝିଲାଣି, ବିଭାଟାଏ ନ ହେଲେ ନୁହେଁ । କାମ ପାଇଟିରୁ ଆସି ରନ୍ଧାବଢ଼ା କରିବାଟା ଏଣିକି ବଡ଼ ଦିକ୍ ଲାଗିଲାଣି । ବାଧିକା ପଡ଼ିଲେ ପାଣି ମନ୍ଦାଏ ଦେବାକୁ, ଗୋଡ଼ହାତରେ ହାତ ବୁଲାଇ ଦେବାକୁ କେହି ଭରସା ନାହିଁ । ବିଭା କରିବାକୁ ମନ କଲା ସତ; ହେଲେ ଏତେ ଟଙ୍କା କାହିଁ ? ଆଉ ପାଟକ ନୁହେଁ ଯେ, ମନ କଲା ତ ବିଭା ହୋଇପଡ଼ିଲା । କିପାଇଁ କେଜାଣି, ବଳରାମଗୋତ୍ରୀ ପନ୍ଥାରେ କନ୍ୟାର ବଡ଼ ଅଭାବ ପୁଣି ଦର ଭାରି ଚଢ଼ା । ଗୋଟିଏ ଗୋଟିଏ କନ୍ୟା ପାଞ୍ଚଶଠାରୁ ହଜାରେ ଦୁଇ ହଜାର ଟଙ୍କାରେ ବିକ୍ରି ହେବାର ଏ ଲେଖକଙ୍କୁ ଜଣା । ଅଜଣା ପାଠକ ଆପଣ ପଚାରିବେ, "କନ୍ୟାର ଦାମ୍ ଏତେ ଊଣା ଅଧିକ କ୍ୟାଁ ? କନ୍ୟାଗୁଡ଼ିକ ଫୁଟ ଗଜରେ ମାପ ବା ଦଣ୍ଡି ତରାଜୁରେ ଓଜନ ହେଉଥିବେ, ମାପ ବା ଓଜନ ଊଣା ଅଧିକରେ ଦର ଊଣା ଅଧିକ ହୁଏ ।" ନାହିଁ ନାହିଁ, ତାହା ନୁହେଁ, ଆମ୍ଭମାନଙ୍କୁ ଭିତିରିଆ କଥା ଭଲ ଜଣା । ସେଥିରେ ଅସଲ ହାଲ ଚୁମ୍ବକରେ ଦୁଇ ଚାରି କଥାରେ କହିବୁଁ । ବଳରାମଗୋତ୍ରୀ ପନ୍ଥାରେ ନ ଥିଲାଲୋକ ନାହାନ୍ତି ବୋଲନ୍ତୁ, ସେମାନେ ଭାରି ପରିଶ୍ରମୀ ଏବଂ ଖରଚପତ୍ରରେ ଭାରି ଚିପା । ବଳେ ସମସ୍ତଙ୍କ ହାତରେ କିଛି କିଛି ଟଙ୍କା ଜମିଯାଏ । କନ୍ୟାର ବୟସ ବା ରୂପଗୁଣ ବିଷୟରେ କିଛି ଚିନ୍ତା ନାହିଁ – ବରର ବୟସକୁ ଧରି କନ୍ୟାର ଦରଦାମ୍ କଷାଯାଏ । ବରର ବିବାହର ବୟସ ହେଲା । ଏଣେ ଘରେ ତେତେ ଟଙ୍କା ନାହିଁ, ଆପେ ପରିଶ୍ରମ କରି ଟଙ୍କା ଜମାଏ । ଟଙ୍କାଟା ଠିକ୍ ହେଉଁ ହେଉଁ ବରର ବୟସ ହୋଇଗଲାଣି ପଚାଶ କିମ୍ବା ଧନବନ୍ତ ଲୋକ ଦୋଜବର ଓ ତେଜବର ବୟସ ଷାଠିଏ । ଏଣେ କନ୍ୟାଟିର ବୟସ ୧୦/୧୧ ଭିତରେ । ସେହି ସମସ୍ତ ଜାଗାରେ ଦର ଚଢ଼ିଯାଏ । ଦରର ଏହିପରି ହାଲ ଜାଣିବ । ବିରେଇ ବିଭା ହେବା ଲାଗି ଟଙ୍କା ମଷାଏ ଯାହା ହାତରେ ପଡ଼େ ଥୋଇଦିଏ । ଘର କଣରେ ଅନ୍ଧାରିଆ ଗୋଟିଏ ଠେକି ପୋତିଛି, ସେଥିରେ ପକାଇଦିଏ ।

ଆହୁରି ପାଞ୍ଚବର୍ଷ ଗଲାଣି । ବିରେଇର ଉଛୁଣିକା ବୟସ ତିରିଶ ଭିତରେ, ବିଭା ହେବା ଭଳି ଟଙ୍କା ଜମିଗଲାଣି ବୋଲି ମନରେ ଠିକ୍ କଲା । ବିଭାପାଇଁ ସଜ ହେଲା, ହେଲେ ସେ କ' ଣ ଆପେ କନ୍ୟା ଖୋଜିଯିବ ? ପୁରୋହିତ ଭିମେଇ ମିଶ୍ରଙ୍କୁ ମଧ୍ୟସ୍ଥ କଲା । ମିଶ୍ରେ ଚାରିଆଡ଼େ ଢେର୍ ଆଖି ଫେରାଇଲେ । ବିରେଇ ଦିନେ ମିଶ୍ରେଙ୍କୁ କମଳୀ କଥା ଇସାରାରେ କହିଲେ । ରାଘବ ପାତ୍ରର ସାନଝିଅର ନାମ କମଳୀ । କନ୍ୟାଟି ବେଶ୍ ଡୌଲ, ଲାଜକୁଳୀ; ଦିନରାତି ଘର କାମରେ ଲାଗିଥାଏ, ବାପର ଢେର୍ ସେବା କରେ । ଗାଁ ମାଇକିନିଆମାନେ ତାର ଢେର୍ ପ୍ରଶଂସା କରନ୍ତି । ବିରେଇ ପିଲାଦିନରୁ କମଳୀକୁ ବଡ଼ ଭଲ ପାଏ । ରୋଜ ଦୁଇଓଳି ବିଲକୁ ଯିବାଆସିବାବେଳେ କନ୍ୟାଟିକୁ ଚାହିଁ ଚାହିଁ ଦେଖେ । ବିରେଇ ବିଲବାହୁଡ଼ା ବେଳେ କମଳୀ କଳସୀଟିଏ କାଖେଇ ପାଣି ଆଣି ଯାଉଥିବା ଦେଖେ । କମଳୀର ଠିକ୍ ସେଇଟା ପାଣିଅଣା ବେଳ । ଘରେ ମାଠିଆରେ ପାଣି ଥିଲେ ବି ସେ ପାଣିଗୁଡ଼ାକ ନାଳରେ ଢାଳିଦେଇ କଳସୀ କାଖେଇ ବାହାରିପଡ଼େ । ଚାରିଆଡ଼କୁ ଚାହେଁ, କେହି କୁଆଡ଼େ ନ ଥିଲେ କଣେଇ କଣେଇ ବିରେଇକୁ ଦେଖୁଥାଏ ।

ପାଞ୍ଜିରୁ ଭଲଦିନଟିଏ ଦେଖି ମିଶ୍ରେ ରାଘବ ପାତ୍ରଙ୍କ ପାଖରେ ପହଁଚିଲେ । ପାତ୍ରେ ବୋଧ କରୁଁ, କିଛି ଗନ୍ଧ ପାଇଗଲେଣି । ଅଖାପାଲ ଖଣ୍ଡେ ପାରି ଦେଇ ମିଶ୍ରଙ୍କୁ ବହୁ ଆଦର ସମ୍ମାନରେ ବସାଇଲେ । ନାସ ଶୁଙ୍ଘାଶୁଙ୍ଘି ଦୁଃଖସୁଖ ଚାରିପଦ ହୋଇଗଲା ଉତ୍ତାରେ ମୂଳ କଥା ଆରମ୍ଭ ହେଲା ।

ମିଶ୍ରେ କହିଲେ, "ପାତ୍ରେ ! ତୁମ କମଳୀଟିକୁ ବିରେଇକୁ ଦେଲେ ଭଲ ହୁଅନ୍ତା ନାହିଁ ?"

ପାତ୍ରେ – ହେଉ, ମୋର ମନା ନାହିଁ ।

ମିଶ୍ରେ – ପାତ୍ରଟି ବଡ଼ ଭଲ, ଖୁବ୍ ଦୁଃଖସୁଖିଆ ।

ପାତ୍ରେ – ହେଉ ହେଉ, ମୋର ମନା ନାହିଁ ।

ମିଶ୍ରେ – ଝିଅଟି ଖୁବ୍ ସୁଖରେ ରହିବ ।

ପାତ୍ରେ – ହେଉ ହେଉ, ମୋର ମନା ନାହିଁ ।

ମିଶ୍ରେ – ତେବେ ଖର୍ଚ୍ଚପତ୍ର କଥା ?

ପାତ୍ରେ – "ହଁ ହଁ, ସେହି ଅସଲ କଥାଟା ଆଗେ ହେଉ । ମୁଁ ସାଫ୍ କହିଦେଉଛି, କନ୍ୟାସୁନା ନଗଦ ହଜାରେ ଟଙ୍କା, ଏଥିରୁ ପଇସାଏ, ମଷାଏ, କଡ଼ାଏ ଊଣା ଅଧିକ ନାହିଁ, ବୁଝିଲେ ମିଶ୍ରେ ! ମୁଁ ନ-ଛ' ଜାଣେ ନାହିଁ, ଯାହା କହିବାର ସଫା କହିଦିଏଁ; ଏଁ, କଣ କହୁଛନ୍ତି ମିଶ୍ରେ ? "

ମିଶ୍ରେ ଟିକିଏ ଗୁମ୍ ଖାଇ କହିଲେ, "ଟିକିଏ ବୁଝିସୁଝି ବୋଲନ୍ତୁ, ବିରେଇ ବିଚରା ଏତେ ଦେଇପାରିବ କ୍ୟାଁ ? ସେ ପାଞ୍ଚଶହ ତର ଯାଇପାରେ ।"

ପାତ୍ରେ ଟିକିଏ ତେଜରେ କହିଲେ, "ମୋର ଆଉ ଦୁଇ କନ୍ୟା ସକାଶେ ରୋକଠୋକ ଦୁଇହଜାର ପାଇଛି; ସେଇଟା ତ ତୁମ ଆଗର କଥା; ଫେର୍ ଏପରି ଅନ୍ୟାୟ କଥା କ୍ୟାଁ କହୁଛ ?"

ମିଶ୍ରେ କହିଲେ, "ସେକଥା ଏକଥା ଢେର୍ ତଫାତ୍ । ସେ ବର ଯୋଡ଼ାକର ବୟସ ଷାଠିଏ ଷାଠିଏ ହୋଇଥିଲା, ଦୁହେଁଯାକ ଥିଲେ ଦୋଜବର । କନ୍ୟା ଯୋଡ଼ିକ ରାଣ୍ଡହୋଇ କିପରି ଦୁଃଖରେ ଅଛନ୍ତି, ଦେଖୁ ନାହାନ୍ତି ? ଏଣେ ଦେଖନ୍ତୁ, ବିରେଇ କାଲିକା ପିଲା ।"

ପାତ୍ରେ ଖପାଟା ହୋଇ କହିଲେ, "ହୋଇହେ ମିଶ୍ରେ ! ତୁମେ ପାଠୁଆ ଲୋକଟା ହୋଇ ଏପରି ଅନ୍ୟାୟ କଥାଟା କିମିତି କହିଲେ ହେ ? ଆରେ, ସେମାନଙ୍କ କପାଳରେ ଥିଲା ରାଣ୍ଡ ହେଲେ । ମୁଁ କ' ଣ କହିଦେଇଥିଲି ରାଣ୍ଡ ହୁଅ ? ବାପ ଜନ୍ମ ଦେଇଛି ବୋଲି କ' ଣ କର୍ମ ଦେଇଛି ?"

ମିଶ୍ରେ – "ଯାଉ ସେ କଥା, ଆପଣଙ୍କ ସାଙ୍ଗରେ ବୋଲାବୋଲି କରିବି କ' ଣ । ଆପଣ ଛେଉଣ୍ଡକୁ ଟିକିଏ ଦୟା କରନ୍ତୁ, ସେହି ପାଞ୍ଚଶରେ ମଙ୍ଗିଯାନ୍ତୁ ।"

ପାତ୍ରେ – "ହକ୍ ବ୍ୟବହାରରେ ଦୟାମାୟା କ' ଣ ମିଶ୍ରେ ? ହଁ, ଆଉ ଗୋଟାଏ କଥା ବୁଝ ! ମୋର ଆଉ ଦି' ଝିଅଙ୍କର ୯ ବର୍ଷ ଲେଖାଏଁ ହୋଇଥିଲା, ଏ ତ ଚଉଦ ବର୍ଷର ଝିଅ; ଯିମିତି ଯିବ ଈଶାଣରେ ପଶିବ । ଆମ ପଛାରେ ଏଡ଼େ ବଡ଼ କନ୍ୟା କାହିଁ ? ୟା ପିଛେ ଭାତ ଲୁଗାରେ କେତେ ଟଙ୍କା ସାରିଲିଣି ? ପାଞ୍ଚଶ କହୁଛ – ଶିବପୁରର ଦୀନୁ ପରିଡ଼ା ଓ

ଗୋବିନ୍ଦପୁରର ଶ୍ୟାମ ମହାପାତ୍ର ଟଙ୍କା ଥଳି ଧରି ଆସି ମୋ ଦୁଆରେ ବସିଗଲେ, ତେତେବେଳେ ପାଞ୍ଚଶରେ ନ ଦେଇ ଏବେ ଦେବି କ୍ୟାଁ ? ଆଉ ଗୁଡ଼ାଏ ବଜର ବଜର କରନା ମିଶ୍ରେ, ହଜାରେ ହେଲା ତ ବସ, ନୋହିଲେ ସିଧା ଦାଣ୍ଡ ପଡ଼ିଛି ।"

କମଳୀ କବାଟ କଣରେ ବସି ସବୁ କଥା ଶୁଣୁଥିଲା । ସେ ଏତେବେଳେ ସବୁ କଥା ବୁଝିଲାଣି; ଭଉଣୀମାନଙ୍କ ଅବସ୍ଥା ଆଖିରେ ଦେଖିଛି, ଆଉ ଜଣାଯାଏ ବିରେଇକୁ ସେ ବଡ଼ ଭଲପାଏ । ଟଙ୍କା ଦରଦାମ୍ ନ ପଟିବାରୁ ମିଶ୍ରେ ଉଠିଗଲେ । କମଳୀ ତୁନି ତୁନି ଢେର୍ କାନ୍ଦିଲା । ଦୁଇ ତିନି ଦିନ ହେଲା ଖିଆପିଆ ଛାଡ଼ିଲାଣି, କେବଳ କାନ୍ଦୁଛି । ମା ନାହିଁ, ତା ମନ କଥା କିଏ ବୁଝୁଛି ? ଶେଷରେ ଖୁବ୍ ଗୋଟାଏ ହେମତ ବାନ୍ଧିଲା । ଗାଁର ଲେଖାଯୋଖା ଅପିଆଇକୁ ଧରିଲା । ମନର କଥା ଫିଟାଇ କହିଲା, "ଆଇ ! ବାପା ଟଙ୍କା ଲୋଭରେ ଗୋଟାଏ ବୁଢ଼ାବରକୁ ମୋତେ ବିଭା ଦେଲେ ମୁଁ ପୋଖରୀକୁ ଡେଇଁ ପଡ଼ିବି ।" ଅପିଆଇ ଆସି ରାଘବ ପାତ୍ରକୁ କମଳୀ କଥା କହିବାରୁ ପାତ୍ରେ ଖୁବ୍ ଗୋଟାଏ ଖପା ହୋଇ ଝିଅକୁ ଢେର ଗାଳିଦେଲେ । "ମୁଁ ତୋତେ ଚଉଦ ବରଷ କାଳ ଖୁଆଇ ପିଆଇ ବଢ଼ାଇଲି - ଆଜି କ' ଣ ନା ପାଣିକି ଡେଇଁ ପଡ଼ିବୁ ? ମର; ଦେଖେଁ ଭଲା କେମିତି ମରିବୁ ? ଚଉଦ ବରଷକାଳ ଖାଇଛୁ ପିଉଛୁ, ଭାତ ଲୁଗା ଦାମ୍ ପାଞ୍ଚଶ ଟଙ୍କା ଗଣି ଥୋ - ତା ବାଦେ ମରିବୁ ତ ମର ଯା; ମୋର ମନା ନାହିଁ ।"

ପାତ୍ରେ ରାଗମୁହଁରେ ଝିଅଟାକୁ ଗାଳିଗୁଲଜ କଲେ ସିନା, ହେଲେ, ରାତିରେ ବସି ଢେର୍ ଚିନ୍ତା କଲେ । ଝିଅଟାର ଖିଆପିଆ ନାହିଁ; ମଲାଟା ପରି ପଡ଼ିଛି । ସତକୁସତ ମନ ଦୁଃଖରେ ଯେବେ ମରିବ, ତେବେ ମୂଳ ବୁଡ଼ିବ ସିନା ! ଖୁବ୍ ଆଖି ଫେରାଇ ଦେଖିଲେ, ଜାତି ଭିତରେ ଦୋଜବର ବା ଅଭିଆଡ଼ା କେହି ନାହିଁ । ଏଣିକି ଝିଅଟାକୁ ପୋଷିବା ଖର୍ଚ୍ଚାନ୍ତ କଥା । ତହୁଁ ଆରଦିନ ସକାଳେ ମିଶ୍ରଙ୍କୁ ଡାକି ପଠାଇଲେ । ଆଜି ପାତ୍ରଙ୍କ କଥା ଖୁବ୍ କଅଁଳ - ସାକୁଲାସାକୁଲି ଭଳି । ଦୁଇ ଜଣ ବସି ଦରଦାମ୍ ଠିକ୍ କରିନେଲେ । ସାତଶହ ଟଙ୍କାରେ କଥା ଛିଡ଼ିଲା । ବର୍ତ୍ତମାନ ଗାଆଁ ପାଞ୍ଚ ଭଲଲୋକ ଆଗରେ ବିରେଇ ଦେବ ଦୁଇଶ ଟଙ୍କା, ବାକି ପାଞ୍ଚଶ ବେଦୀମୁଣ୍ଡରେ ।

ବିରେଇ ହିସାବ କରି ଦେଖିଲା, କନ୍ୟାସୁନା ପଡ଼ିବ ସାତଶ, ବିଭାଖର୍ଚ୍ଚ ତିନିଶରୁ ଊଣା ନୁହେଁ; ଗାଏ ଦୁଇ ପଦକୁ ହଜାରେ । ଘର ଭିତରେ ପୋତାପୋତି କରି ଯାହା ରଖିଥିଲା, ଖୋଳାଖୋଳି କରି କାଢ଼ିଲା । ଟଙ୍କାପଇସା ମିଶାଇ ୬୦୬ ଟଙ୍କା, ୮ ଅଣା ୨ ପଇସା । ମଲା ଯା, ଆହୁରି ଯେ ଚାରିଶ ଲୋଡ଼ା । ଦୁଇଶ ଟଙ୍କା ଘରୁ କାଢ଼ିଦେଲାଣି, ବିଭା ବନ୍ଦ କଲେ ସେ ଦୁଇଶହର ଆଶା ଛାଡ଼ିବାକୁ ହେବ । ହେଉ, ପଛକୁ ବୁଝାବୁଝି । ଘରେ ବିହନ ଭାଗ ରଖି ଧାନସବୁ ବିକିଦେଲା । ତୁଚ୍ଛା ହଳିଆ ବଳଦ ହଳେ ରଖି ଗୋରୁଗୁଡ଼ାକ ବିକି ପକାଇଲା ।

ଆଜି ବିଭାଦିନ । ବାଜା ପାଲିଙ୍କି କରି ବିରେଇ ସଞ୍ଜବେଳେ ଶଶୁର ଦୁଆରେ ହାଜର । ବର ପାଲିଙ୍କିରେ ବସିଛି । ପାତ୍ରେ ପିଣ୍ଡାରେ ବସି ନାସ ଶୁଙ୍ଘୁଥିଲେ । ଘଡ଼ିଏ ବିତିଗଲା, ପୁରୋହିତ ତିନି ଚାରି ଥର ଡାକିଲେଣି, "ଆସ ପାତ୍ରେ ! ବରକୁ ବାଟବରଣ କରି ନିଅ ।" ପାତ୍ରଙ୍କ ମୁହଁରେ କଥା ନାହିଁ । ବୁଦ୍ଧିଆ ମିଶ୍ରେ କଥାଟା ବୁଝିଗଲେ । କହିଲେ, "ପାତ୍ରେ ! ବିରେଇ ହାତରେ ଟଙ୍କା, ବାଟବରଣ କରି ଘରକୁ ଆଣ, ଟଙ୍କା ଗଣିଦେବ ।" ପାତ୍ରେ ଧଡ଼ପଡ଼ ହୋଇ ଉଠି ବରକୁ ବାଟବରଣ କଲେ । ଟଙ୍କା ଗଣାଗଣି ପରଖାପରଖିରେ ଘଡ଼ିଏ ବିତିଗଲା । ମଲା ଯା ଛ' ଟା ଟଙ୍କା ପଡ଼ିଲା ଭେଣ୍ଡି । ଗାଁ ଲୋକେ ଢେର୍ କୁହାବୋଲା କଲେ, ଜାମିନ ହେଲେ, ବର୍ତ୍ତମାନ ଶୁଭକାର୍ଯ୍ୟଟା ସମାଧାନ ହୋଇଯାଉ, କାଲି ଟଙ୍କା ବଦଳାବଦଳି ହେବ । ପାତ୍ରେ ଠୁଳରେ ବସିଲେ ନାହିଁ । ବିରେଇ ଆଉ ବାଟ ନାହିଁ, ସେହିଠାରେ ବର ବେଶରେ ବସି ଘରର ପଲାଣ ପାଞ୍ଚି ହଳ ସରଞ୍ଜାମ ସବୁ ଗାଁର ମଧୁ ମହାନ୍ତିଙ୍କୁ ଛ' ଟଙ୍କାରେ ବିକିଦେଲା । କୁଆ କା କରିବାକୁ ହାତଗଣ୍ଠି ଫିଟିଲା । ପାତ୍ରେ ବର ବିଦା କରିବାପାଇଁ ଦାଣ୍ଡଦୁଆରେ ଲହରପହର ହେଉଛନ୍ତି, ଘରେ ପଶିବାକୁ ନାହିଁ, ଯଦି ବେଳ ଉଚ୍ଛୁର ହୋଇଯାଏ, ବାଜାବାଲା ବେହେରା ଜଳଖିଆ ମାଗିବେ ।

ବିରେଇ ତ ଘରକୁ ଡାଙ୍ଗୁଆ ମଣିଷ, ବରକନ୍ୟାକୁ ବନ୍ଦାଇ ନେଉଛି କିଏ ? ବିରେଇ ଖୁଡ଼ୀ, ମାଉସୀ, ଅପା ପାଞ୍ଚଜଣ ଅହିଅଙ୍କୁ କହି ଆସିଥିଲା । ଅଡାକରାରେ ଗାଁ ମାଇକିନିଆମାନେ ବି ଧାଇଁଆସି ବିରେଇ ଘରେ ଭର୍ତ୍ତି ହୋଇଯାଇଛନ୍ତି । କନ୍ୟାଟି ଦୋଳମୁକୁଟ ମୁଣ୍ଡରେ କଜଳପାତିଟି ଧରି ନଇଁନଇଁ ଆଗରେ ଚାଲିଛି । ଖିଲକାତିଟିଏ ନଡ଼ିଆଟିଏ ଧରି ବର ପଛରେ । ଭଣ୍ଡାରୁଣୀଟା ଆଗେ ଦେଖି ପକାଇଲା, କନ୍ୟାର ପେଟଟା ବାହାରିପଡ଼ିଛି, ନସରପସର ହୋଇ ଚାଲିଛି, ଭଲକରି ଚାଲିପାରୁ ନାହିଁ । ଭଣ୍ଡାରୁଣୀ ଆଉ ପାଞ୍ଚ ମାଇକିନିଆଙ୍କ ବାହୁ ଚିପିଦେଇ ଖାଇଲା ଆଙ୍ଗୁଳି ବଢ଼ାଇ କଣ ଦେଖାଇଦେଲା । ସବୁ ଅହିଅଯାକ କନ୍ୟାକୁ ଛାଡ଼ି ଅଲଗା ହୋଇଗଲେ, ଟୋକାଗୁଡ଼ାକ ହସି ହସି କେହି ହାୟ ହାୟ କରି ଆପଣା ଘରକୁ ପଳାଇଗଲେ । କେହି କହୁଥାଏ ପାଞ୍ଚ ମାସ, ଜାଣିବା ମାଇକିନିଆମାନେ ଠିକ୍ କରିଦେଲେ ସାତ ମାସରୁ ଊଣା ନୁହେଁ । ହାମଦରଦୀ ମାଉସୀ-ପିଉସୀମାନେ ଘରକୁ ଯାଇ କାନ୍ଦିବାକୁ ବସିଗଲେ । ହାୟ ! ହାୟ ! ଛୁଆଟା ଅଭିଆଡ଼ା ଥିଲା ତ ଥିଲା, ସର୍ବସ୍ୱ ସାରି ସାତପୁରୁଷକୁ ନରକକୁ ଦେଲା । ଘର ଶୂନଶାନ, ବିରେଇ ଗାଲରେ ହାତ ଦେଇ କାନ୍ଥକୁ ଆଉଜି ବସିଛି । କମଳୀ କବାଟ ଉହାଡ଼ରୁ ଜିଭରେ ଚୁଁ-ଚୁଁ କରି ବିରେଇକୁ ହାତ ଠାରି ପାଖକୁ ଡାକିଲା । ପେଟ ଉପରେ ମୁଣିଏ ଟଙ୍କା, ତା' ଉପରେ ଯୋଡ଼ାଏ ବେଢ଼ାଣ ଖଦି କଷି ଗୁଡ଼ିଆ ହୋଇଛି, ଫିଟାଇ ପକାଇ ଝଣ କରି ଥଳିଟା ତଳେ ପକାଇଦେଲା । ବିରେଇ ଯେମନ୍ତ ସ୍ୱପ୍ନ ଦେଖୁଛି, ସ୍ୱର୍ଗରୁ ଦେବୀଟିଏ ଓହ୍ଲାଇ ଆସିଲେ । ପଚାରିଲେ, "ଏ କଣ ?" କମଳୀ କହିଲା, "ଏ ତୁମ ଟଙ୍କା । ବଳଦ, ଗାଈ, ପାଣ୍ଠିପଲାଣ ଯାହା ବିକିଛ ଟଙ୍କା ଦେଇ ଆଗ ଫେରାଇ ଆଣ । ତା' ବାଦେ ଏ ଘରେ ପାଣି ଛୁଇଁବି ।" ବିରେଇ ଗଣି ଦେଖିଲା, ପୂରା ହଜାରେ ଟଙ୍କା । ପଚାରିଲା, 'ଆଉ ତିନିଶ କଣ ?' କମଳୀ କହିଲା, "ଦୁଇ ଅପାଙ୍କୁ ବିକି ଯେ ଟଙ୍କା ବାପା ପାଇଥିଲା, ଦଶମାଣ ବିଲ କିଣିଛି, ବାକି ତିନିଶ ଅଛି । ଅପାମାନେ ବଡ଼ ଦୁଃଖରେ ଅଛନ୍ତି, ଏତକ ଟଙ୍କା ଉଛୁଣିକା ସେମାନଙ୍କ ପାଖକୁ ପଠାଇଦିଅ ।"

ଉପରଓଳି ଗାଁ ଗୋହିରି ମଝିରେ ରାଘବ ପାତ୍ରେ ଡକା ପକାଇ ବାୟା ପରି ଧାଇଁଛନ୍ତି । ବିରେଇ ଦୁଆରେ ଡକା ପକାଇ ପରସ୍ତେ ଗଡ଼ିଲେ, ଖାଲି କହୁଛନ୍ତି "କମଳୀ ମୋ ବେକରେ ଛୁରୀ ମାରିଲୁ, ମୋ ଟଙ୍କା ଦେ ।" କମଳୀ କହିଲା, "ବାପା ! ତୋର କି ଟଙ୍କା ? ମୋ ଟଙ୍କା ମୁଁ ଆଣିଛି ।" ଗାଁ ଲୋକେ ଶୁଣି ଧାଇଁଲେ । ସେମାନେ ରାଘବ ପାତ୍ର ଉପରେ ଆଗରୁ ବଡ଼ ଖପା ହୋଇଥିଲେ । ତିନି ତିନିଟା ଝିଅ ତିନି ହଜାରରେ ବିକିଲା; ସେମାନଙ୍କ ମୁହଁରେ ମୁଢ଼ି ଗୁଣ୍ଡିଟାଏ ବାଜି ନାହିଁ । ବିଭାବେଳେ ନାନ୍ଦିମୁଖୀ ଆଉ ତିଳକାଞ୍ଚନ ଦକ୍ଷିଣା ବିଷୟରେ ପୁରୋହିତଙ୍କ ସାଙ୍ଗରେ କିଛି ବୋଲାବୋଲି ହୋଇଥିଲା । ସେ ତ ଆଗରୁ ନିଆଁ ହୋଇଥିଲେ । ପହଞ୍ଚିଯାଇ ହୁକୁମ୍ ଦେଲେ, "ମାର ଚଣ୍ଡାଳ ମାଉଁସ ବିକାକୁ ।" ପାତ୍ରେ ଦେଖିଲେ, ଗ୍ରାମଲୋକ ସମସ୍ତେ ମାର-ମାର କହି ଧାଇଁଛନ୍ତି, ତାଙ୍କ ପଟକୁ କେହି ନାହିଁ । ଯୋଡ଼ାଏ ତିନିଟା ଧକ୍କା, ବିଧା, ଚାପଡ଼ା ବି ବାଜିଗଲାଣି । ଟଙ୍କା ମାଗିବେ କ' ଣ ? ଘରମୁହାଁ ଧାଇଁଛନ୍ତି । ପିଲାଗୁଡ଼ାକ ହାତତାଳି ଦେଇ ପଛରେ ଧାଇଁଛନ୍ତି; ପାତ୍ରଙ୍କ ଉପରେ ଢେଲା ଧୂଳି ବୃଷ୍ଟି ହେଉଛି, ତିନିଜାଗା ହାବୁଡ଼ି ପଡ଼ି ଆଣ୍ଠୁଗଣ୍ଠି ଛିଣ୍ଡିଗଲାଣି । ପାତ୍ରଙ୍କୁ ଦିନବେଳେ ଆଉ କେଭେ ଦାଣ୍ଡରେ ଦେଖି ନାହିଁ । କମଳୀ ନାମରେ ଧନ୍ୟ ଧନ୍ୟ ପଡ଼ିଗଲା ।

ବିରେଇ ବାହାରି ଆସିବା ଦିନଠାରୁ ମାମୁମାଈଁ ବେହାଲରେ ପଡ଼ିଲେଣି । ଆଗେ ବିରେଇ ଡରରେ ଚଣ୍ଡୀ ଗୋଠରୁ ଗୋରୁ ବା ମରେଇରୁ ଧାନ ଲୁଚାଚୋରା କରି ବିକୁଥିଲା, ଏବେ ଡାକଫୁକାର ଦିନବେଳେ ବିକିଦେଉଛି । ବାପମା' କିଛି କହିଲେ ବାଡ଼େଇବାକୁ ଧାଏଁ, ସେମାନେ ଡରରେ କିଛି କହିପାରନ୍ତି ନାହିଁ । ପୁଅଟା କଥା କାହା ଆଗରେ କହିବେ, ତୁନିହୋଇ ପଡ଼ିଥାନ୍ତି । ବର୍ଷ ଦୁଇଟା ଭିତରେ ଅଢ଼େଇ ବୋଡ଼ିଆ ପଲଟାରେ ଛଡ଼ାଲାଞ୍ଜ ଖଣ୍ଡେ ବି ନାହିଁ । ଗଛ ପରି ତିନିଟା ମରେଇ ଝାଡ଼ଝୁଡ଼ । ଏଣେ ଚାଷଟା ବି ସେହିପରି । ଶ୍ୱାସ ବେମାରିଟା ପାତ୍ରଙ୍କୁ ବଳିପଡ଼ିଲାଣି, ପିଣ୍ଡାରୁ ଓହ୍ଲାଇବାକୁ ବଳ ନାହିଁ, ବିଲବାଡ଼ି ଯିବେ କ' ଣ ? ଚଣ୍ଡୀ ତ ମୌଜରେ ଲାଗିଛି, ବିଲକୁ ଯିବ କ' ଣ ? ଚାଷଗୁଡ଼ିକ ମୂଲିଆଙ୍କ ଜିମା; ମୂଲିଆ ଦଶଗୌଣୀ

ବୁଣିବାକୁ ଘେନିଗଲେ ତ ପାଞ୍ଚ ଗୌଣୀ ପଡ଼ିଲା ବିଲରେ, ଆଉ ପାଞ୍ଚଗୌଣୀ ମୂଲିଆଣୀଙ୍କ ଢେଙ୍କିଶାଳରେ । ପାତ୍ରଙ୍କ ପାଖରୁ ମୂଲ ନେଇ ଆପଣାର ବିଲ ବାଛିଯାନ୍ତି । ଏଥିରୁ ଯାହା ଚାଷ ହେବ, ସମସ୍ତଙ୍କୁ ଜଣା ।

ବୋଇଲା – "ଆପେ ଚଷିବୁ ପୂରା ଚାଷ

ଛତା ଜୋତା ଅଧାଚାଷ

ମୂଲିଆ ଚାଷ ଫସରଫାସ ।"

ଯେ କେତେ ପୁଞ୍ଜା କଳେଇ ଖଳାକୁ ଆସେ ଖଜଣାକୁ ନିଅଣ୍ଟ ।

ଏତିକିବେଳେ କ' ଣ ହେଲା କି, ଗାଁରୁ ଢେର୍ ବଳଦ ଗାଈ ଚୋରି ଗଲା । ଆଜି ଶୁଣାଗଲା ସାମଲଘର ବଳଦ ଚୋରି ତ କାଲି ପରିଡ଼ାଘର ଯୋଡ଼ାଏ ଗାଈ ମିଳୁ ନାହାନ୍ତି । ମାସ ଛଅଟା ମଧରେ ଦଶ ପାଞ୍ଚ ଗଣ୍ଡା ଗୋରୁ ଚୋରିଗଲାଣି । ଗାଁଯାକ ଡକା ପଡ଼ିଗଲା । ଚୋର ଧରିବା ଲାଗି ଗାଁଯାକ ତୁନି ତୁନି ବିଚାର କରି ଛକଛାକରେ ରହିଗଲେ ।

ଦିନେ ଅଧରାତିବେଳେ ପାଣ୍ଡିଆପାତ୍ର ପୁଅ ଚଣ୍ଡିଆ ଆଉ ଚାରିଜଣ ବାଉରିଟୋକା ଯୋଡ଼ାଏ ବଳଦ ବାନ୍ଧି ଘେନି ବିଲ ମଝିରେ ଯାଉଥିଲେ, ଗୋଟାଏ ଲୋକ କୁହାଟଟାଏ ମାରିଦେଲା, କୋଡ଼ିଏ ତିରିଶ ଜଣ ଚାରିପଟରୁ ବେଢ଼ିଗଲେ । ଆଉ ଚୋରେ କାହିଁ ଯିବେ? ଲଙ୍ଗଳ ଦଉଡ଼ାରେ ବାହୁକୁ ବାହୁ ଛନ୍ଦି କାଠମୁଠିଆ କରି ବାନ୍ଧି ପକାଇଲେ । ମାଡ଼ ତ ମାଡ଼, ଚୋରଗୁଡ଼ାଙ୍କ ଚେତା ବୁଡ଼ିଗଲା । ଚୌକିଆ ଗୋରୁ ସହିତ ଚୋରମାନଙ୍କୁ ଥାନାକୁ ଘେନିଗଲା । 'ଚୋର ମା' ଲାଜରେ ନ କାନ୍ଦେ' ପାତ୍ର ପାତ୍ରାଣୀ ବୁଢ଼ାବୁଢ଼ୀ ଯୋଡ଼ିକ କବାଟ ଦେଇ ଘର ଭିତରେ ଧକେଇ ଧକେଇ କାନ୍ଦୁଛନ୍ତି । ଗାଁ ଗୋଟାକ ବାଡ଼େ, ହେଲେ ବିରେଇ ! ମାମୁମାଈଁଙ୍କର ବିକଳ ସହିପାରିଲା ନାହିଁ । ସଦର କଚେରିକୁ ଧାଇଁଲା, ଟାଣୁଆ ଟାଣୁଆ ଓକିଲ ମୁକ୍ତାର ଯୋଡ଼ାଏ ଦେଲା, ଖୁବ୍ ଲଢ଼ିଲା । ବମାଲ ଗ୍ରେପ୍ତାର, ଆଉ କଣ ରକ୍ଷା ଅଛି; ଚଣ୍ଡିଆର କଠିନ ପରିଶ୍ରମ ସହିତ ମିଆଦ ଦେଢ଼ବର୍ଷ ।

ବିପଦ ଯେ ସଞ୍ଜୁଆ ଅନ୍ଧାରପରି ଚାରିଆଡୁ ମାଡ଼ିଆସେ । ଚଣ୍ଡୀ ବିଭାଘରକୁ ପାତ୍ରେ ମଧୁସାହୁ ମହାଜନକୁ ଗୁଜା ଲେଖିଦେଇ ପାଞ୍ଚଶ ଟଙ୍କା କରଜ ଆଣିଥିଲେ । ପାତ୍ରଙ୍କ ମରେଇରେ ଢେର୍ ଧାନ ଥିଲା, ପାତ୍ରେ ସେ ଧାନ ବିକିଦେଇ ଦେଣା ଶୁଝିବାକୁ ବସିଥିଲେ, ପାତ୍ରାଣୀ କରିବାକୁ ଦେଲେ ନାହିଁ । କହିଲେ, ବିରେଇ ବିଲରୁ ଯେ ଧାନ ଆସିବ; ଅଲଗା ଅଲଗା ଖଳା ମୁଣ୍ଡରେ ବିକି ଦେଇ ଦେଣ ଶୁଝଟ ହେବ । ବିରେଇ ତ ତାହାର ବିଲ ଘେନିଗଲା, ଚାଷରୁ ତ ଧାନ ମିଳିଲା ନାହିଁ, ଦେଣାଟା ବଢ଼ିଗଲା । କଳନ୍ତର ଆଗରେ ଘୋଡ଼ା ଦୌଡ଼ିପାରେ ନାହିଁ । ମହାଜନ ମୂଳ କଳନ୍ତର ମାମଲା ଖର୍ଚ୍ଚ ବାରଶ ଟଙ୍କାତକ ଡିକ୍ରୀ କରି ରଖିଥିଲା, ଏତିକିବେଳେ ପାତ୍ରଙ୍କ ଘର ଦୁଆର ସହିତ ବିଲବାଡ଼ି ନିଲାମ କରି ନେଇ ପାତ୍ର ପାତ୍ରାଣୀଙ୍କୁ ଘରୁ କାଢ଼ିଦେଲା । ମଳିଆ ଚିରକୁଟ ଲୁଗା, ଦେହରେ ଅଧଆଙ୍ଗୁଳିଏ ବହଳ ମଳି; ଖଡ଼ିଗାର କାଟିଯାଉଛି, ଗେଧ-ଗେଧୁଣୀ ପରି ଯୋଡ଼ାଯାକ ଦାଣ୍ଡ ବରଗଛ ମୂଳରେ ପଡ଼ିଛନ୍ତି ।

ବିରେଇ ଶୁଣି ଧାଇଁଲା । ଦେଖିଲା, ମାଈଁର ଚେତା ନାହିଁ, ମାମୁ ବେକ ଭାଙ୍ଗି ଆଣ୍ଠୁ କୁଣ୍ଢେଇ ବସିଛନ୍ତି । ବିରେଇ କାହାରିକୁ କିଛି ନ କହି ମାଈଁକୁ ଲାଉ କଲା । ମାମୁ ହାତଧରି ଧୀରେ ଧୀରେ ଆପଣା ଘରକୁ ଘେନିଆସିଲା । ବିରେଇ କମଳୀ ଦୁଇଜଣ ଦୁଇ ଗିନା ତେଲ ଲଗାଇ ଦେଇ ଦୁଇଜଣଙ୍କୁ ଗାଧୁଆପାଧୁଆ କରାଇ ଦେଇ ଦୁଇଖଣ୍ଡ ଧୋବ ଲୁଗା ପିନ୍ଧାଇ ଦେଲେ । ମାଈଁ ତଣ୍ଟିରେ ଭାତ ଚାଲୁ ନାହିଁ । କମଳୀ ଅଧସେରେ ସରିକି ଦୁଧରେ ମୁଠାଏ ଭାତ ଚକଟି ପିଆଇଦେଲା ।

ମାମୁମାଈଁ ତ ଘରେ ଥାଆନ୍ତି । ଅଧିକରେ ବିରେଇ ଦୁଇଜଣଙ୍କ ପାଇଁ ଚାରିଅଣାର ଆପୁ ଆଉ ସେରେ ଦୁଧ ବନ୍ଦୋବସ୍ତ କରିଦେଲା । କମଳୀ ଦୁଧ ଢାଳୁ ଢାଳୁ କେବେ କେବେ ଦେଢ଼ସେର ସରିକି ପଡ଼ିଯାଏ । ବିରେଇ ଘରେ ପୁଞ୍ଜାଏ ଦୁହାଁଳୀ ଗାଈ ବନ୍ଧା । ମାମୁ ସବୁବେଳେ ଦାଣ୍ଡପିଣ୍ଡାରେ ତୁନିହୋଇ ବସିଥାନ୍ତି - ମାଈଁ ହେଁସଟା ପାରି ଶୋଇପଡ଼ିଥାନ୍ତି । କମଳୀ ତେଲ ଲଗାଇ ଦେଇ ଗାଧୋଇ ଆଣେ । ସଞ୍ଜବେଳେ ଅଧଗିନାଏ ତେଲଧରି ମଉଳାଶାଶୂ ଗୋଡ଼ ଘଷେ । କମଳୀ ଘଡ଼ିଏ ଯାଏଁ ଗୋଡ଼ ଘଷୁଥାଏ । ମାଈଁ ଦିନେହେଲେ କହିଲେ ନାଇଁ ଯେ, "ଥାଉ ରେ ମା' - ତୋ ହାତ ବଥା କରିବ ।" ଗାଁ ମାଇପେ କିଛି କହିଲେ କମଳୀ କହେ "ହେଉ ହେଉ ବୁଢ଼ୀଲୋକ, ମନଦୁଃଖରେ ଅଛନ୍ତି ।"